# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**28 August - 2024**

**News Editor : Tapan Kumar Maharana**

*************************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଜନଧନ ଯୋଜନାକୁ ଆଜି ପୁରିଲା ୧୦ ବର୍ଷ

– ହିତାଧିକାରୀଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ଅଣପାରମ୍ପରିକ ଶକ୍ତି ଉତ୍ସରୁ ଅଧିକରୁ ଅଧିକ ବିଦ୍ୟୁତ ଉତ୍ପାଦନ ପାଇଁ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର; କହିଲେ ଉପ ମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ

- ରାସନ କାର୍ଡର ଇ-କେଓ୍ୱାଇସି ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ ହୋଇନାହିଁ; ବିଭାଗୀୟ ମନ୍ତ୍ରୀଙ୍କ ତରଫରୁ ସ୍ପଷ୍ଟ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ

ଏବଂ

- ମଣିଷଙ୍କଠାରେ ବାର୍ଡ ଫ୍ଲୁ ସଂକ୍ରମଣ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ ବୋଲି, ସୂଚନା ଦେଲେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

## ପ୍ରଧାନମନ୍ତ୍ରୀ ଜନଧନ ଯୋଜନା

ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଆଜି ୧୦ ବର୍ଷ ପୂରଣ କରିଛି । ଗତ ୨୦୧୪ ଅଗଷ୍ଟ ୨୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଯୋଜନାର ଶୁଭାରମ୍ଭ କରିଥିଲେ । ଆର୍ଥିକ ଦୁର୍ବଳଶ୍ରେଣୀର ଲୋକଙ୍କୁ ଅର୍ଥନୈତିକ ମୁଖ୍ୟସ୍ରୋତରେ ସାମିଲ କରିବା ତଥା ଅବହେଳିତ ସମ୍ପ୍ରଦାୟର ବିକାଶ ଲକ୍ଷ୍ୟରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଇଥିଲା । ଏହି ଯୋଜନାରେ ୫୩ କୋଟିରୁ ଊର୍ଦ୍ଧ୍ୱ ଲୋକ ସାମିଲ ହେବା ଏହାର ସଫଳତାକୁ ପ୍ରତିପାଦିତ କରୁଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ଗ୍ରାମାଞ୍ଚଳର ୬୭ ପ୍ରତିଶତ ବ୍ୟାଙ୍କଖାତା ଏହି ଯୋଜନା ଅଧୀନରେ ଖୋଲାଯାଇଛି । ସେଥିମଧ୍ୟରୁ ୫୫ ପ୍ରତିଶତ ଆକାଉଣ୍ଟ ମହିଳାଙ୍କର ଥିବା ଜଣାପଡ଼ିଛି । ଏହି ଯୋଜନା ମାଧ୍ୟମରେ ଯୋଗ୍ୟ ହିତାଧିକାରୀଙ୍କ ନିକଟକୁ କଲ୍ୟାଣକାରୀ ଯୋଜନାଗୁଡ଼ିକର ଆର୍ଥିକ ସୁଫଳ, ଦ୍ରୁତ, ନିରନ୍ତର ଏବଂ ସ୍ୱଚ୍ଛ ହସ୍ତାନ୍ତର ସମ୍ଭବ ହୋଇପାରିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ହିତାଧିକାରୀ ଏବଂ ଯୋଜନାକୁ ସଫଳତା ପ୍ରଦାନ କରିବାରେ ଯୋଗଦାନ ଦେଇଥିବା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଯୋଜନା ସମାଜର ଆର୍ଥିକ ପଛୁଆବର୍ଗର

ଲୋକଙ୍କୁ ସଶକ୍ତ କରିବା ଏବଂ ତାଙ୍କୁ ସମ୍ମାନର ସହିତ ବଞ୍ଚିବାର ସୁଯୋଗ ଦେଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ହିତାଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଯୋଜନା ଅଧୀନରେ ଦେଶରେ ମୋଟ ୫୩ କୋଟି ୧୩ ଲକ୍ଷ ଜନଧନ ଖାତା ଖୋଲାଯାଇଛି ବୋଲି ସେ କହିଛନ୍ତି ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଗତ ଦଶନ୍ଧି ମଧ୍ୟରେ ସମାଜର ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକଙ୍କୁ ବିକାଶର ମୁଖ୍ୟଧାରାରେ ଯୋଡ଼ିବାରେ ଧନଜନ ଯୋଜନା ଅଭୂତ ପୂର୍ବ ଭୂମିକା ନିର୍ବାହ କରିଛି ବୋଲି କହିଛନ୍ତି ।

***BBSR/R***

## ବିଧାନସଭା-୧

ସମଗ୍ର ରାଜ୍ୟରେ ୩୯୨ ଦଶମିକ ୮ ମେଗାୱାଟ କ୍ଷମତା ସମ୍ପନ୍ନ ପବନ ଶକ୍ତି ପ୍ରକଳ୍ପ ସ୍ଥାପନର ପ୍ରସ୍ତାବ ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ କହିଛନ୍ତି । ବିଧାନସଭାରେ ଆଜି ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଅଣପାରମ୍ପରିକ ଶକ୍ତି ଉତ୍ସରୁ ଅଧିକରୁ ଅଧିକ ବିଦ୍ୟୁତ ଉତ୍ପାଦନ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି । କୋରାପୁଟର ଦେଓମାଳିଠାରେ ଜେ.ଏସ୍.ଡବ୍ଲ୍ୟୁ କମ୍ପାନୀ ଦ୍ୱାରା ପ୍ରତିଷ୍ଠିତ ହେବାକୁ ଥିବା ଅଣଚାଷ ଦଶମିକ ୫ ମେଗାୱାଟ ଏବଂ ଉମରକୋଟ ଠାରେ ଏଚ୍.ପି.ସି.ଏଲ୍ ଦ୍ୱାରା ୪୮ ମେଗାୱାଟ୍ କ୍ଷମତା

ବିଶିଷ୍ଟ ଶକ୍ତି ପ୍ରକଳ୍ପକୁ ସରକାର ଅନୁମୋଦନ ପ୍ରଦାନ କରିଛନ୍ତି। ସେ ଆହୁରି କହିଛନ୍ତି, ଓ.ଏନ୍.ଜି.ସି. ତ୍ରିପୁରା ପାୱାର କମ୍ପାନୀ ପକ୍ଷରୁ ଜଗତସିଂହପୁର, ସମ୍ବଲପୁର ଅନ୍ତର୍ଗତ କୁସୁମୀ, ନବରଙ୍ଗପୁର ଜିଲ୍ଲାର ପାପଡ଼ାହାଣ୍ଡିଠାରେ ମଧ୍ୟ ଶକ୍ତିପ୍ରକଳ୍ପ ସ୍ଥାପନ ପ୍ରସ୍ତାବ ସରକାରଙ୍କର ବିଚାରାଧୀନ ରହିଛି।

***HS***

## ବିଧାନସଭା-୨

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ରାସନ କାର୍ଡର ଇ-କେୱାଇସି ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇନାହିଁ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସୂଚନା ଦେଇଛନ୍ତି। ବିଧାନସଭାରେ ଆଜି ଏ ସମ୍ପର୍କିତ ପ୍ରଶ୍ନର ଉତ୍ତର ସେ କହିଛନ୍ତି, ଖାଦ୍ୟ ଯୋଗାଣ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ ଇ-କେୱାଇସି ପ୍ରକ୍ରିୟା ଆରମ୍ଭ କରାଯାଇଛି। ତେବେ ଏହାକୁ ଏ ପର୍ଯ୍ୟନ୍ତ କଡ଼ାକଡ଼ି ଭାବେ ଲାଗୁ କରାଯାଇନାହିଁ। ଏଥିପାଇଁ ଧାର୍ଯ୍ୟ କରାଯାଇଥିବା ଏକ ମାସର ସମୟସୀମା ଭିତରେ ଇ-କେୱାଇସି ପୂରଣ ନ ହେଲେ ମଧ୍ୟ ରାସନ କାର୍ଡ ମାଧ୍ୟମରେ ପୂର୍ବଭଳି ଖାଦ୍ୟ ଯୋଗାଣ ବ୍ୟବସ୍ଥା ଜାରି ରହିବ ବୋଲି ମନ୍ତ୍ରୀ ଶ୍ରୀ ସୁରଜ ସ୍ପଷ୍ଟ କରିଛନ୍ତି। ରାତ୍ରି ଭୋଜନରେ ରୁଟି ବ୍ୟବହାର ବୃଦ୍ଧି ପାଉଥିବାରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ସହ ଗହମ ଦେବାର ପ୍ରସ୍ତାବ ବିଚାରାଧୀନ ରହିଛି ବୋଲି ସେ କହିଛନ୍ତି।

*HS*

## ବିଧାନସଭା-୩

ସବ୍‌ସିଡି ଜରିଆରେ ଚାଷୀଙ୍କୁ ୪୩ଟି ପ୍ରକାରର ଯନ୍ତ୍ରପାତି ଯୋଗାଇ ଦିଆଯାଉଛି । ବିଧାନସଭାରେ ଆଜି ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତର ଦେଇ କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ଏହି ଯନ୍ତ୍ରପାତି ମଧ୍ୟରେ ୧୪ଟି ପ୍ରକାରର ହସ୍ତଚାଳିତ ଏବଂ ବଳଦଙ୍କ ଉପଯୋଗ କରି ବ୍ୟବହାର କରାଯାଉଥିବା ଯନ୍ତ୍ରପାତି ରହିଛି । ଏହି ବ୍ୟବସ୍ଥାରେ ଦୁର୍ନୀତି କିମ୍ବା ଚାଷୀଙ୍କୁ ବିହନ ଯୋଗାଣରେ ଅନିୟମିତତା ହୋଇଥିବାର ଅଭିଯୋଗ ମିଳିଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

*HS*

## ଗ୍ରାମୀଣ ଭିତ୍ତିଭୂମି ବିକାଶ

ଚଳିତ ଆର୍ଥିକ ବର୍ଷ ପାଇଁ ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠିର ଉପଯୋଗ ସଂକ୍ରାନ୍ତ ଉଚ୍ଚକ୍ଷମତା ସମ୍ପନ୍ନ କମିଟିର ପ୍ରଥମ ବୈଠକ ଆଜି ଅନୁଷ୍ଠିତ ହୋଇଛି । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଏହି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଗତ ଆର୍ଥିକ ବର୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ସ୍ଥିତି ନେଇ ସମୀକ୍ଷା କରାଯାଇଛି ।

*HS*

## ବାର୍ଡ ଫ୍ଲୁ ସଂକ୍ରମଣ

ମଣିଷଙ୍କଠାରେ ବାର୍ଡ ଫ୍ଲୁ ସଂକ୍ରମଣ ନେଇ କୌଣସି ସ୍ପଷ୍ଟ ସୂଚନା ଏ ପର୍ଯ୍ୟନ୍ତ ମିଳିନାହିଁ ବୋଲି ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି । ତେବେ ପୁରୀରେ ଲକ୍ଷ ଦେଖା ଦେଇଥିବା ବ୍ୟକ୍ତିଙ୍କର ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଛି ବୋଲି ସେ କହିଛନ୍ତି । ରିପୋର୍ଟ ମିଳିବା ପାଇଁ ସପ୍ତାହେ ସମୟ ଲାଗିବ । ଏହାପରେ ସଂକ୍ରମଣ ନେଇ ସ୍ପଷ୍ଟ ସୂଚନା ମିଳିବ ବୋଲି ସେ କହିଛନ୍ତି । ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କର ମଧ୍ୟ ନମୁନା ସଂଗ୍ରହ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ସଂକ୍ରମିତ ଅଞ୍ଚଳକୁ ଛାଡ଼ିଦେଲେ ଅନ୍ୟ ଅଞ୍ଚଳରେ କୁକୁଡ଼ା ମାଂସ ବ୍ୟବହାର କରିବାରେ କୌଣସି ଅସୁବିଧା ନାହିଁ ବୋଲି ଡାକ୍ତରୀ ମିଶ୍ର କହିଛନ୍ତି ।

***DNNKL***

## ସାପ କାମୁଡ଼ା ସଚେତନ ଶିବିର

ଢେଙ୍କାନାଳ ପୌରପାଳିକା କାର୍ଯ୍ୟାଳୟରେ ଆଜି ସାପ କାମୁଡ଼ା ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ରାଜ୍ୟ ଏବଂ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହଯୋଗରେ ଆଓ୍ୱାର୍ଡ ପରିବାର ପକ୍ଷରୁ ଆୟୋଜିତ ଏହି ଶିବିରରେ ସାପ କାମୁଡ଼ା ଏବଂ ଏହାର ପରବର୍ତ୍ତୀ ପରିସ୍ଥିତିର ମୁକାବିଲା ନେଇ ଲୋକଙ୍କୁ ସଚେତନ କରାଯାଇଛି । ସୂଚନାଯୋଗ୍ୟ, ଜିଲ୍ଲାରେ ଗତ ୮ ବର୍ଷ ମଧ୍ୟରେ ୧୭୭ ଜଣଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବାବେଳେ ସେମାନଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି

୭ କୋଟି ୮୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି ବୋଲି ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି ।

***BHK***

## କୌଶଳ ରଥ ପରିକ୍ରମା

ଭଦ୍ରକ ଜିଲ୍ଲାରେ ଦକ୍ଷତା ବିକାଶ ଲକ୍ଷ୍ୟ ନେଇ କୌଶଳ ରଥ ପରିକ୍ରମାର ଶୁଭାରମ୍ଭ କରାଯାଇଛି । ରାଜ୍ୟ ଦକ୍ଷତା ବିକାଶ ଓ ଜିଲ୍ଲା ବୈଷୟିକ ଶିକ୍ଷା ବିଭାଗ ଏବଂ ଜିଲ୍ଲା ଦକ୍ଷତା ବିକାଶ ନିୟୋଜନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଉଦ୍‌ଘାଟନ କରିଥିଲେ । ଏହି ରଥ ଭଦ୍ରକ ଜିଲ୍ଲା ସ୍କୁଲ, ଭଦ୍ରକ ସରକାରୀ ହାଇସ୍କୁଲ ଏବଂ ଜିଲ୍ଲାର ପୌରାଞ୍ଚଳ ଓ ବ୍ଲକ ହାଇସ୍କୁଲ ଗୁଡ଼ିକରେ ପର୍ଯ୍ୟାୟକ୍ରମେ ପହଁଞ୍ଚି ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ସହ ନିଯୁକ୍ତି ସୁଯୋଗ ଉପରେ ସଚେତନ କରାଇବ ।

***Desk***

## ହାତୀ– ରେଡିଓକଲାର

ହାତୀ ଆକ୍ରମଣଜନିତ ଜୀବନହାନୀକୁ ରୋକିବା ଲକ୍ଷ୍ୟରେ ବନବିଭାଗ ପକ୍ଷରୁ ହାତୀଙ୍କ ଦେହରେ ରେଡିଓକଲାର ଲଗାଇବା ବ୍ୟବସ୍ଥା ଆରମ୍ଭ ହୋଇଛି । ଚିହ୍ନଟ ହୋଇଥିବା ୧୭ଟି ହାତୀଙ୍କୁ ଟ୍ରାଙ୍କୁଲାଇଜ କରାଯାଇ ଏହି ରେଡିଓ କଲାର ଲଗାଯିବା ପଦକ୍ଷେପ ନିଆଯାଇଛି ବୋଲି ବନ ବିଭାଗ ସୂଚନା ଦେଇଛି । ସେହି ହାତୀଗୁଡ଼ିକ ମଧ୍ୟରେ ଖୋର୍ଦ୍ଧା ଡିଭିଜନର ଦୁଇଟି ଚନ୍ଦକାର ତିନୋଟି ବଣାଇରେ ୩ଟି ଢେଙ୍କାନାଳରେ ୨ଟି, ବାରିପଦାରେ

୩ଟି ସହିତ ରାଉରକେଲା, କେନ୍ଦୁଝର, ସମ୍ବଲପୁର ଏବଂ ଅନୁଗୁଳର ଗୋଟିଏ ଲେଖାଏଁ ଦନ୍ତାହାତୀ ଅନ୍ତର୍ଭୁକ୍ତ। ରେଡିଓ କଲାର ଲଗାଯିବା ପରେ ହାତୀଙ୍କୁ ବିଭିନ୍ନ ଅଭୟାରଣ୍ୟରେ ଛଡ଼ାଯିବ ବୋଲି ବନବିଭାଗ ସୂଚନା ଦେଇଛି।

*Nabarangpur*

## ମଧ୍ୟାହ୍ନ ଭୋଜନ- ଅମିୟତତା ଅଭିଯୋଗ

ମଧ୍ୟାହ୍ନ ଭୋଜନରେ ଅନିୟମିତତା ଅଭିଯୋଗ ନେଇ ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ଘାଟଗୁଡ଼ା ୟୁଜି ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀ ଗତକାଲି ଏହି ସ୍କୁଲକୁ ଗସ୍ତ କରି ସମୀକ୍ଷା କରିବା ବେଳେ ମଧ୍ୟାହ୍ନ ଭୋଜନରେ ଅନିୟମିତତା ହୋଇଥିବା ନେଇ ପ୍ରମାଣ ମିଳିଥିଲା।

*Puri*

## ଶ୍ରୀମନ୍ଦିର- ବନଭୋଜୀ ବେଶ

ପୁରୀ ଶ୍ରୀମନ୍ଦିରରେ ଆଜି ଠାକୁରଙ୍କର ବନଭୋଜୀ ବେଶ ଅନୁଷ୍ଠିତ ହେବ। ଗୋପଲୀଳା ସମୟରେ କୃଷ୍ଣ ଓ ବଳରାମ ଗାଈ ବାଛୁରୀଙ୍କୁ ସାଙ୍ଗରେ ନେଇ ବନଭୋଜି ପାଇଁ ଯାଉଥିବାର ପୁରାଣ ବର୍ଣ୍ଣିତ ପ୍ରସଙ୍ଗ ପରିପ୍ରେକ୍ଷୀରେ ଠାକୁରଙ୍କର ଏହି ବେଶ ଅନୁଷ୍ଠିତ ହୁଏ। ଭାଦ୍ରବ କୃଷ୍ଣ ଦଶମୀ ତିଥିରେ ମହାପ୍ରଭୁଙ୍କୁ ଏହି ବେଶରେ ସଜାଯାଏ। ମଧ୍ୟାହ୍ନ ଧୂପ ପରେ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ସହ ଠାକୁରଙ୍କର ବନଭୋଜି ବେଶ

ଏବଂ ଅର୍ଘାସୁର ଓ ବକାଶୁର ବଦ୍ଧ ନୀତି ଅନୁଷ୍ଠିତ ହୋଇଥାଏ। ଏହି ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ଼ ହୋଇଛି।

***Desk***

## ରେଳବାଇ- ପଣ୍ୟ ପରିବହନ

ଚଳିତ ଆର୍ଥିକ ବର୍ଷର ଗତ ୨୬ ତାରିଖ ସୁଦ୍ଧା ପୂର୍ବତଟ ରେଳପଥ ଦ୍ୱାରା ପଣ୍ୟ ପରିବହନ ୩ ଦଶମିକ ୩/୭ ପ୍ରତିଶତ ବୃଦ୍ଧି ପାଇଛି। ପୂର୍ବ ବର୍ଷର ଏହି ସମୟ ସୁଦ୍ଧା ଏହା ୩ ଦଶମିକ ୨/୮ ୨ ନିୟୁତ ଟନ୍ ଅଧିକ ଥିବା ଜଣାପଡ଼ିଛି। ଏହି ସମୟ ମଧ୍ୟରେ ପୂର୍ବତଟ ରେଳପଥ ପଣ୍ୟପରିବହନ କ୍ଷେତ୍ରରେ ୧୦୦ ଦଶମିକ ୫/୭ ନିୟୁତ ଟନ୍ ପଣ୍ୟ ବୋଝେଇ କରି ଏକ ନୂତନ ମାନଦଣ୍ଡ ହାସଲ କରିଛି। ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ, ଓ୍ୱାଲଟିୟର ଏବଂ ସମ୍ବଲପୁର ରେଳମଣ୍ଡଳର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି।

***Sambalpur***

## ହୀରାକୁଦ ଜଳଭଣ୍ଡାର

ହୀରାକୁଦ ଜଳଭଣ୍ଡାରକୁ ଉପରମୁଣ୍ଡରୁ ଆସୁଥିବା ଜଳ ପରିମାଣ ହ୍ରାସକୁ ଦୃଷ୍ଟିରେ ରଖି ୧୨ଟି ଗେଟ୍‌କୁ ବନ୍ଦ କରିଦିଆଯାଇଛି। ଏବେ ଦୁଇଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ମହାନଦୀକୁ ନିଷ୍କାସିତ ହେଉଛି। ଜଳଭଣ୍ଡାରର ଜଳସ୍ତର ମଧ୍ୟାହ୍ନ ୧୨ଟା ସୁଦ୍ଧା ୬୨୦ ଦଶମିକ ୪/୩ ଫୁଟ

ରହିଥିଲା । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୭୯ ହଜାର ୩୨୩ ଘନଫୁଟ ଜଳ ପ୍ରବେଶ କରୁଛି ।

*HS*

## ପାଣିପାଗ

ଓଡ଼ିଶା ସମେତ ଦେଶର ୨୨ଟି ରାଜ୍ୟରେ ଆଜି ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । କେନ୍ଦ୍ରୀୟ ଓ ଉତ୍ତର ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳରେ ଆସନ୍ତାକାଲି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଭୀଷଣ ବର୍ଷା ନେଇ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏହି ସମୟ ମଧ୍ୟରେ କୋହଲା ପବନ ସହ ବଜ୍ରପାତର ସମ୍ଭାବନା ନେଇ ୮ଟି ଜିଲ୍ଲାକୁ ମଧ୍ୟ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି ।